### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜୁନାଗଡ

ପତ୍ର ସଂ ୧୨୧୧ ତା- ୨୦.୬.୧୭

## ବିଜ୍ଞାପନ

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ ଅଞ୍ଚଳର ହିତାଧିକାରୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ DEENDAYAL ANTODAYA YOJANA "NATIONAL URBAN LIVEHOOD MISSION" ଯୋଜନା ଜରିଆରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (BPL/NFSA) ପରିବାର ଓ ସ୍ୱୟଂ ସହାୟକ ଗୋଷ୍ଠୀ ଯେଉଁ ମାନେ ବ୍ୟାଙ୍କ ଜରିଆରେ ଋଣ ନେଇ ଆତ୍ମ ନିଯୁକ୍ତିରେ ନିୟୋଜିତ ହେବାକୁ ଓ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ଗ୍ରୁପର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ନିମନ୍ତେ ବ୍ୟାଙ୍କରୁ ଋଣ ନେବା ପାଇଁ ଇଛୁକ ସେମାନେ ଆସନ୍ତା ତା- ୨୨.୬.୨୦୧୭ ରିଖ ଠାରୁ ତା- ୨୯.୬.୨୦୧୭ ରିଖ ଅଫିସ କାର୍ଯ୍ୟ ଦିବସ ମଧ୍ୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ କାର୍ଯ୍ୟାଳୟରୁ ଦରଖାସ୍ତ ଫର୍ମ ନେଇ ଆବଶ୍ୟକ କାଗଜାତ ତଥା ପ୍ରମାଣ ପତ୍ର ସଂଲଗ୍ନ କରି ଜମା ଦେବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

- ଦରଖାସ୍ତକାରୀଙ୍କୁ ଚୁଡାନ୍ତ ମନୋନୟନ ସାକ୍ଷାତକାର ତଥା ଟାସ୍କଫୋର୍ସ କମିଟି ଦ୍ୱାରା ଚୟନ କରାଯାଇ ବ୍ୟାଙ୍କଙ୍କୁ ପଠା ଯିବ ।
- ଦରଖାସ୍ତ ଫର୍ମ ବ୍ୟାଙ୍କକୁ ଗଲାପରେ ବ୍ୟାଙ୍କର ଚୟନ ପରେ ତଥା ବ୍ୟାଙ୍କର ସର୍ତ୍ତାନୁସାରେ ଋଣ ପାଇପାରିବେ ।
- ବାର୍ଷିକ ଶତକଡା ୭ (ସାତ) ଭାଗ ହାରରେ ଋଣ ମଞ୍ଜୁର କରାଯିବ ।

<u>ଆବେଦନ କରିବା ପାଇଁ ଯୋଗ୍ୟତା ଆତ୍ମ ନିଯୁକ୍ତି(ବ୍ୟକ୍ତିଗତ):</u>

୧. ଦରଖାସ୍ତକାରୀ ଅତିକମରେ ୧୮ ବର୍ଷ ହୋଇଥିବେ ଓ ତାଙ୍କ ନିଜ ନାମରେ କିମ୍ବା ପରିବାରର BPL କାର୍ଡ କିମ୍ବା ଅନ୍ତୋଦୟ କାର୍ଡ / ଜାତୀୟ ଖାଦ୍ୟ ସୁରକ୍ଷା ନିରପତ୍ତା ଆଇନ (NFSA) ରେ ମିଳିଥିବା ରାସନ କାର୍ଡ ଥିବ ।

୨. ଦରଖାସ୍ତକାରୀ ଅନ୍ୟୁନ ୩ ବର୍ଷ ଧରି ପୌରାଞ୍ଚଳରେ ବସବାସ କରି ଆସୁଥିବେ ।

୩. ଦରଖାସ୍ତକାରୀ କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟ ପୂର୍ବରୁ ସରକାରୀ ଅନୁଦାନ ଭିତ୍ତିକ ଋଣ ପାଇ ନଥିବେ ।

ସ୍ୱୟଂ ସହାୟକ ଗୋଷ୍ଠୀ:

୧. ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ଅତିକମରେ ୬ (ଛଅ) ମାସ ବା ତତୁର୍ଦ୍ଧ ହୋଇଥିବେ ।

୨. ବ୍ୟାଙ୍କ ସହ କାରବାର ଠିକ ଥିବ ।

୩. ଦଳରେ ଅତିକମରେ ୭ (ସାତ) ବା ତତୁର୍ଦ୍ଧ ସଭ୍ୟଙ୍କ BPL କାର୍ଡ କିମ୍ବା ଅନ୍ତୋଦୟ କାର୍ଡ / ଜାତୀୟ ଖାଦ୍ୟ ସୁରକ୍ଷା ନିରପତ୍ତା ଆଇନ (NFSA) ମିଳିଥିବା ରାସନ କାର୍ଡ ଥିବ ।

୪. ଗ୍ରୁପ ପ୍ରତିମାସରେ ମିଟିଂ କରୁଥିବେ , ମାସିକ ସଭ୍ୟା ଚାନ୍ଦା ଆଦାୟ ଠିକ ରୂପେ ହେଉଥିବ ।

୫. ଗ୍ରୁପ କିଛି ବ୍ୟବସାୟ କରିବାକୁ ଚାହୁଁଥିବେ ।

୬. ଗ୍ରୁପ ପୂର୍ବରୁ କୌଣସି ସରକାରୀ ଭିତ୍ତିକ ଋଣ ପାଇ ନଥିବେ ।

ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୨୦.୬.୧୭

କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ